# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 17 July – 2025

*********************************

## ମୁଖ୍ୟ ସମ୍ବାଦ

- ଦେଶକୁ ସ୍ୱଚ୍ଛ, ସୁସ୍ଥ ଓ ବିକଶିତ କରିବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେଲେ ରାଷ୍ଟ୍ରପତି

– ସ୍ୱଚ୍ଛତା ସର୍ବେକ୍ଷଣ ପୁରସ୍କାର କଲେ ପ୍ରଦାନ; ଓଡ଼ିଶାକୁ ମିଳିଲା ତିନୋଟି ପୁରସ୍କାର

- ପ୍ରତ୍ୟେକ ଆହ୍ୱାନକୁ ସୁଯୋଗରେ ପରିଣତ କରିବା ହେଉଛି ସୁଶାସନ; କହିଲେ କେନ୍ଦ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ

– ଭୁବନେଶ୍ୱରରେ ଉତ୍ତମ ପ୍ରଶାସନିକ ଅଭ୍ୟାସ ନେଇ ଆରମ୍ଭ ହେଲା ଜାତୀୟ ସମ୍ମିଳନୀ

- ବାଲେଶ୍ୱର ଏଫ୍.ଏମ୍. କଲେଜ ଛାତ୍ରୀ ମୃତ୍ୟୁ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ

ଏବଂ

- ଶ୍ରୀଜୀଉଙ୍କ ବନକଲାଗି ନୀତି ପାଇଁ ୫ ଘଣ୍ଟା ବନ୍ଦ ରହିଛି ସର୍ବସାଧାରଣ ଦର୍ଶନ

*Desk*

## ସ୍ୱଚ୍ଛ ସର୍ବେକ୍ଷଣ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ ସ୍ୱଚ୍ଛ ସର୍ବେକ୍ଷଣ ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି, ସ୍ୱଚ୍ଛତା' ଦେଶର ସାଂସ୍କୃତିକ ଚେତନାର ମୂଳଦୁଆ। ଶ୍ରୀମତୀ ମୁର୍ମୁ ଦେଶକୁ ସ୍ୱଚ୍ଛ, ସୁସ୍ଥ ଓ ବିକଶିତ କରିବା ପାଇଁ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ରାଷ୍ଟ୍ରପତି  ସ୍ୱଚ୍ଛ ଭାରତ ମିଶନର ସଫଳତା ନେଇ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ ପ୍ରଶଂସା କରିବା ସହ ସ୍ୱଚ୍ଛ ସର୍ବେକ୍ଷଣ ଏକ ସଫଳ ପଦକ୍ଷେପ ବୋଲି ବର୍ଣ୍ଣନା କରିଛନ୍ତି।

**- V/O -**

ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗରେ ମୋଟ ୭୮ଟି ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍ୱଚ୍ଛ ଭାରତ ମିଶନ ଅଧୀନରେ ସର୍ବଭାରତୀୟ ସ୍ତରରେ ସ୍ୱଚ୍ଛ ସହର ରୂପେ ଗଞ୍ଜାମ ଜିଲ୍ଲାର ଆସକା ଓ ଚିକିଟି ଏନ୍‌ଏସି ଏବଂ ମିନିଷ୍ଟ୍ରିଆଲ ପୁରସ୍କାର ବର୍ଗରେ ଭୁବନେଶ୍ୱର ପୁରସ୍କୃତ ହୋଇଛି ।

***BBSR/R***

## ଉତ୍ତମ ପ୍ରଶାସନିକ ଅଭ୍ୟାସ

ସୁଶାସନର ଅର୍ଥ ହେଉଛି ପ୍ରତ୍ୟେକ ଆହ୍ୱାନକୁ ସୁଯୋଗରେ ପରିଣତ କରିବା ବୋଲି କେନ୍ଦ୍ର କାର୍ମିକ, ସାଧାରଣ ଅଭିଯୋଗ ଏବଂ ପେନ୍‌ସନ୍ ପ୍ରଶାସନ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ କହିଛନ୍ତି। ଭୁବନେଶ୍ୱରରେ ଆଜି କେନ୍ଦ୍ର ସରକାରଙ୍କ ପ୍ରଶାସନିକ ସଂସ୍କାର ଏବଂ ସାଧାରଣ ଅଭିଯୋଗ

ବିଭାଗ ଏବଂ ରାଜ୍ୟ ସରକାରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ 'ଉତ୍ତମ ପ୍ରଶାସନିକ ଅଭ୍ୟାସ' ନେଇ ଅନୁଷ୍ଠିତ ଜାତୀୟ ସମ୍ମିଳନୀରେ ଯୋଗଦେଇ ଡକ୍ଟର ସିଂହ କହିଛନ୍ତି, ଏହିଭଳି ସମ୍ମିଳନୀ ଆଞ୍ଚଳିକ ଓ ଜାତୀୟସ୍ତରରେ ସୁପ୍ରଶାସନର ମଡେଲଗୁଡ଼ିକ ଗ୍ରହଣ କରିବାରେ ସହାୟକ ହୋଇଥାଏ। କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଓଡ଼ିଶାରେ ପ୍ରଶାସନିକ କ୍ଷେତ୍ରରେ ବୃହତ ସଂସ୍କାର ଆସିବା ସହ କାଗଜବିହୀନ ବଜେଟ୍ ଏବଂ ଡିଜିଟାଲ ମାଧ୍ୟମରେ ଜନଅଭିଯୋଗ ଶୁଣାଣିକୁ ଗୁରୁତ୍ୱ ଦିଆଯାଉଛି। ରାଜ୍ୟରେ ଅମଲାତନ୍ତ୍ରର ଦାୟିତ୍ୱବୋଧତା ବୃଦ୍ଧି ପାଇବା ସହ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନ କରିବାକୁ ହେଲେ ସୁଶାସନର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଦୁଇଦିନ ଧରି ଅନୁଷ୍ଠିତ ଏହି ସମ୍ମିଳନୀକୁ କେନ୍ଦ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ସମଗ୍ର ଦେଶରୁ ୪ ଶହରୁ ଅଧିକ ପ୍ରତିନିଧି ଏହି ସମ୍ମିଳନୀରେ ଯୋଗ ଦେଇଛନ୍ତି।

***Desk***

## ତୀର୍ଥଯାତ୍ରୀ ଯୋଜନା

ଚଳିତବର୍ଷ ପାଇଁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଆଜିଠାରୁ ପଞ୍ଜୀକରଣ ଆରମ୍ଭ ହୋଇଛି। ଆଗ୍ରହୀ ବ୍ୟକ୍ତିମାନେ ***yatra.odisha.gov.in*** ମାଧ୍ୟମରେ ଆସନ୍ତା ମାସ ୧୫ ତାରିଖ ପର୍ଯ୍ୟନ୍ତ ଅନ୍‌ଲାଇନ୍ ମାଧ୍ୟମରେ ପଞ୍ଜୀକରଣ କରିପାରିବେ। ଅଫ୍‌ଲାଇନ୍

ମାଧ୍ୟମରେ ଉଭୟ ବ୍ଲକ୍ ଓ ଜିଲ୍ଲା ପ୍ରଶାସନର କାର୍ଯ୍ୟାଳୟରେ ମଧ୍ୟ ଆବେଦନ କରାଯାଇପାରିବ। ରାଜ୍ୟ ପର୍ଯ୍ୟଟନ ବିଭାଗ ଏବଂ ଆଇ.ଆର୍.ସି.ଟି.ସି'ର ମିଳିତ ସହଭାଗିତାରେ ଏହି ଯୋଜନାକୁ କାର୍ଯ୍ୟକାରୀ କରାଯାଉଛି। ପ୍ରତି ପର୍ଯ୍ୟାୟର ତୀର୍ଥଯାତ୍ରୀଙ୍କର ଅବଧି ପାଞ୍ଚ ରାତି ଏବଂ ୬ ଦିନ ମଧ୍ୟରେ ସୀମିତ ରହିବ। ରାଜ୍ୟର ୧୦ଟି ସ୍ଥାନରୁ ସହଯୋଗୀ ଅଧିକାରୀଙ୍କ ୮୦୦ ଜଣ ଲେଖାଏଁ ତୀର୍ଥଯାତ୍ରୀ ଗସ୍ତ କରିବାର ବ୍ୟବସ୍ଥା ହୋଇଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି।

***Desk***

# ଏଫ୍‌ଏମ୍ କଲେଜ-କ୍ରାଇମବ୍ରାଞ୍ଚ ତଦନ୍ତ

ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ମୃତ୍ୟୁ ଘଟଣାରେ ଆଜିଠାରୁ କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ ହୋଇଛି। ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା ଆଇଜି ଏସ୍ ସାଇନିଙ୍କ ତତ୍ତ୍ୱାବଧାନରେ ତଦନ୍ତ କରାଯାଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବରୁ ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।

***Desk***

## ହେଲପ୍‌ଲାଇନ ନମ୍ବର ଜାରି

ରାଜ୍ୟର ସମସ୍ତ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଇଁ ଏକ ସୁରକ୍ଷିତ ପରିବେଶ ସୃଷ୍ଟି କରିବା ଏବଂ ମହିଳା କର୍ମଚାରୀଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ଦିଗରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଏଥିଲାଗି ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କୁ ପତ୍ର ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛି। କର୍ମକ୍ଷେତ୍ରରେ ମହିଳାଙ୍କ ପ୍ରତି ଯୌନ

ଉତ୍ପୀଡ଼ନ ନିବାରଣ, ନିଷେଧ ଏବଂ ପ୍ରତିକାର ଆଇନ-୨୦୧୩ ଅନ୍ତର୍ଗତ ବ୍ୟବସ୍ଥାଗୁଡ଼ିକ ପାଳନ କରିବା ପାଇଁ ଏଥିରେ କୁହାଯାଇଛି । ଶିକ୍ଷାନୁଷ୍ଠାନଗୁଡ଼ିକରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି– ଆଇସିସି ଗଠନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି । ସାମାଜିକ ପାଠ୍ୟକ୍ରମ ଅନ୍ତର୍ଗତ 'ବର୍ଣ୍ଣାଳୀ ଲିଙ୍ଗ ସମାନତା' ଅଧ୍ୟୟନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଆପାତ୍କାଳୀନ ପରିସ୍ଥିତିରେ ସମ୍ପର୍କ କରିବା ପାଇଁ ବିଭାଗ ପକ୍ଷରୁ ହେଲପ୍ ଲାଇନ୍ ନମ୍ବର ଜାରି କରାଯାଇଛି । ମହିଳାମାନଙ୍କ ସହାୟତା ପାଇଁ ୧୮୧, ଶିଶୁ ସହାୟତା  ପାଇଁ ୧୦୯୮, ଛାତ୍ରଛାତ୍ରୀଙ୍କ ନିମନ୍ତେ ୮୦୦-୩୪୫୬-୭୨୨ ଏବଂ ପୁଲିସ ସହାୟତା ପାଇଁ ୧୧୨ ନମ୍ବର ଜାରି କରାଯାଇଛି ।

*Kalahandi/Raygada/R/V*

## ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା

ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନାକୁ ଗତକାଲି କ୍ୟାବିନେଟ୍‌ରେ ଅନୁମୋଦନ ମିଳିବା ପରେ କୃଷକମାନେ  ଏହି ନିଷ୍ପତ୍ତିକୁ ସ୍ୱାଗତ କରାଯାଇଛି । ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କୃଷିର ଉତ୍ପାଦକତା ବୃଦ୍ଧି, ଫସଲ ବିବିଧତା ଏବଂ ସ୍ଥାୟୀ କୃଷି ପଦ୍ଧତିକୁ ଅଗ୍ରାଧିକାର ପ୍ରଦାନ । ଏହି ଯୋଜନା ୨୦୨୫-୨୬ ଆର୍ଥିକ ବର୍ଷଠାରୁ ଆସନ୍ତା ୬ ବର୍ଷ ପାଇଁ କାର୍ଯ୍ୟକାରୀ ହେବ । ଶୁଣନ୍ତୁ ଏ ସମ୍ପର୍କରେ ଏକ ରିପୋର୍ଟ...

କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନାକୁ ମଞ୍ଜୁରୀ ଦେବା ପରେ ରାୟଗଡ଼ା ଜିଲ୍ଲାର ଚାଷୀମାନେ ଖୁସିବ୍ୟକ୍ତ କରିଛନ୍ତି। ଏହି ନିଷ୍ପତ୍ତିକୁ ଚାଷୀମାନେ ସ୍ୱାଗତ କରିବା ସହ ପଞ୍ଚାୟତ ଏବଂ ବ୍ଲକସ୍ତରରେ ଅମଳ ପରବର୍ତ୍ତୀ ସଂରକ୍ଷଣ ବ୍ୟବସ୍ଥା, ଜଳସେଚନ ସୁବିଧା, ଦୀର୍ଘକାଳୀନ ଏବଂ ସ୍ୱଳ୍ପକାଳୀନ ଋଣ ସହଜରେ ଉପଲବ୍ଧତା ନେଇ ଆନନ୍ଦ ପ୍ରକାଶ କରିଛନ୍ତି। ସେହିଭଳି କଳାହାଣ୍ଡି ଜିଲ୍ଲାର ଚାଷୀମାନେ ମଧ୍ୟ ଏହି ନିଷ୍ପତ୍ତି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏ ସମ୍ପର୍କରେ ଚାଷୀ ପରମାନନ୍ଦ ରଣା କହିଛନ୍ତି...

**- V/O -**

ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନାରେ ଦେଶର ୧୦୦ଟି ଜିଲ୍ଲାକୁ ସାମିଲ କରାଯିବ। ଏହା ୩୬ଟି ପ୍ରଚଳିତ ଯୋଜନାର ସମନ୍ୱୟରେ କାର୍ଯ୍ୟକାରୀ କରାଯିବ। ଯୋଜନାକୁ ଲାଗୁ କରିବା ପାଇଁ ଜିଲ୍ଲା, ରାଜ୍ୟ ଓ ଜାତୀୟସ୍ତରରେ କମିଟି ଗଠନ କରାଯିବ। ଏହି କମିଟିଗୁଡ଼ିକ ପ୍ରଭାବୀ ଯୋଜନା ପ୍ରସ୍ତୁତି, କାର୍ଯ୍ୟକାରିତା ଓ ତଦାରଖ ପ୍ରତି ଧ୍ୟାନ ଦେବେ। ଏହା ବ୍ୟତୀତ ପ୍ରତ୍ୟେକ ଜିଲ୍ଲା ପାଇଁ ନିଯୁକ୍ତ ନୋଡାଲ ଅଧିକାରୀମାନେ ନିୟମିତ ଯୋଜନାର ସମୀକ୍ଷା କରିବେ। ଏହି ଯୋଜନା ଦ୍ୱାରା ଉତ୍ପାଦନ ବୃଦ୍ଧି ପାଇବା ସହ ଆତ୍ମନିର୍ଭରଶୀଳ ଭାରତ ଗଠନ ଦିଗରେ ସହାୟକ ହେବ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

ଆକାଶବାଣୀ କଟକ ସମ୍ବାଦ ବିଭାଗ ପକ୍ଷରୁ ମୁଁ ଉଦୟନାଥ ସ୍ୱାଇଁ

*Puri*

## ବନକଲାଗି ନୀତି

ଶ୍ରାବଣ କୃଷ୍ଣ ସପ୍ତମୀ ତିଥିରେ ଆଜି ପୁରୀ ଶ୍ରୀମନ୍ଦିରର ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେଉଛି। ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ହେବା ପରେ ସନ୍ଧ୍ୟା ୬ଟାରୁ ପ୍ରାୟ ରାତି ୧୧ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

*Desk*

## ଇଗ୍ନୋ ନାମଲେଖା

ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ଇଗ୍ନୁରେ ଚଳିତ ଶିକ୍ଷା ବର୍ଷ ନିମନ୍ତେ ନାମଲେଖା ଅବଧିକୁ ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସ୍ନାତକ, ସ୍ନାତକୋତ୍ତର, ସ୍ନାତକୋତ୍ତର ଡିପ୍ଲୋମା ଏବଂ ସାର୍ଟିଫିକେଟ୍ ପ୍ରୋଗ୍ରାମରେ ନାମଲେଖାଇବା ପାଇଁ ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ। ଅଧିକ ତଥ୍ୟ ଜାଣିବା ପାଇଁ  ଛାତ୍ରଛାତ୍ରୀ ଇଗ୍ନୁ ୱେବସାଇଟ୍ କିମ୍ବା ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରକୁ ଇ-ମେଲ ମାଧ୍ୟମରେ ଯୋଗାଯୋଗ କରିପାରିବେ।

*Desk*

## ନ୍ୟାୟ ଦିବସ

ଜନସାଧାରଣଙ୍କ ପାଖରେ ନ୍ୟାୟର ସୁଫଳ ପହଁଞ୍ଚାଇବା ଲକ୍ଷ୍ୟ ନେଇ ଆଜି ଅନ୍ତର୍ଜାତୀୟ ନ୍ୟାୟ ଦିବସ ପାଳନ କରାଯାଉଛି। ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବା ଯେତିକି ଗୁରୁତ୍ୱପୂର୍ଣ୍ଣ, ତୃଣମୂଳସ୍ତରରେ ଏହାକୁ

ପହଁଞ୍ଚାଇବା ସେତିକି ପ୍ରାସଙ୍ଗିକ ମଧ୍ୟ। ଏହି ଦୃଷ୍ଟିକୋଣକୁ ପାଥେୟ କରି ପ୍ରତିବର୍ଷ ଜୁଲାଇ ୧୭ ତାରିଖରେ ଅନ୍ତର୍ଜାତୀୟ ନ୍ୟାୟ ଦିବସ ପାଳନ କରାଯାଇଥାଏ। ସମସ୍ତଙ୍କ ପାଇଁ ନ୍ୟାୟ, ବିଶ୍ୱ ଶାନ୍ତି ପ୍ରତିଷ୍ଠା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ବିଶ୍ୱର ପ୍ରତ୍ୟେକ କୋଣ ଅନୁକୋଣରେ ନ୍ୟାୟ ପହଁଞ୍ଚାଇବାର ଲକ୍ଷ୍ୟ ନେଇ ୨୦୦୨ ଜୁଲାଇ ପହିଲାରେ ନେଦରଲାଣ୍ଡର ହେଗ୍ ସହରରେ ବିଧିବଦ୍ଧ ଭାବେ ଅନ୍ତର୍ଜାତିକ ଅପରାଧ ନ୍ୟାୟାଳୟ କାର୍ଯ୍ୟ ଆରମ୍ଭ କରିଥିଲା। ରୋମ୍ ସମ୍ମିଳନୀର ବର୍ଷ ପୂର୍ତ୍ତି ପାଳନ ଅବସରରେ ସମ୍ମିଳିତ ରାଷ୍ଟ୍ର ସମୂହ ସ୍ୱତନ୍ତ୍ର ଭାବେ ଏହି ନ୍ୟାୟିକ ସଂସ୍ଥାନ ସ୍ଥାପନ ପାଇଁ ନିଷ୍ପତ୍ତି ନେଇଥିଲେ।  ଏବେ ୧୨୫ଟି ରାଷ୍ଟ୍ର ଏହି ସଂସ୍ଥାନର ସଦସ୍ୟ ହୋଇଛନ୍ତି। ଅନ୍ତର୍ଜାତୀୟ ନ୍ୟାୟାଳୟରେ ୧୫ ଜଣ ବିଚାରପତି ରହିଛନ୍ତି। ଯୁଦ୍ଧ ପ୍ରଭାବିତ ମାନବିକତା ବିରୋଧରେ ହେଉଥିବା ଅପରାଧ ଆଦି ବିଭିନ୍ନ କ୍ଷେତ୍ରରେ ନ୍ୟାୟ ପ୍ରଦାନ କରାଯିବା ଉପରେ ଏହି ଦିବସ ଗୁରୁତ୍ୱାରୋପ କରୁଛି।

***HS***

## ପାଣିପାଗ

ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ନେଇ ୨୨ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।

**********************************